# ଜାତୀୟ ରାଜପଥ କଡ଼ରେ ଲକ୍ଷାଧିକ ଟଙ୍କାର ସରକାରୀ ଔଷଧ

ମୋହନା,୧୯।୧୨(ସମିସ)





ରାଜ୍ୟ ସରକାର ନିରାମୟ ଯୋଜନା ମାଧ୍ୟମରେ ସାଧାରଣ ଲୋକଙ୍କୁ ମାଗଣା ଚିକିତ୍ସା ସହ ଔଷଧ ବିତରଣ କରୁଛନ୍ତି। ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ କୋଟି କୋଟି ଟଙ୍କାର ଔଷଧ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ଏଥିପାଇଁ ସରକାରୀ ତାହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଉକ୍ତ ଔଷଧ ଲୋକଙ୍କୁ ଦେବା ପରିବର୍ତ୍ତେ ରାସ୍ତା କଡ଼ରେ ଫିଙ୍ଗିଦିଆଯାଇଛି। ଔଷଧ ଗୁଡ଼ିକ ମଧ୍ୟରେ ଆଣ୍ଟି ବାୟୋଟିକ, ମଲମ, ଇଞ୍ଜେକ୍ସନ ଭଳି ବିଭିନ୍ନ ବ୍ୟବହାର ଅବଧି ଅତିକ୍ରମ କରିନଥିବା ଔଷଧ ରହିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମୋହନା ସହର ଠାରୁ ମାତ୍ର ତିନି କିଲୋମିଟର ଦୂର ଜାତୀୟ ରାଜପଥ କଡ଼ରେ। ମୋହନା ଠାରୁ ଅଡ଼ବା ଯାଉଥିବା ଜାତୀୟ ରାଜପଥ ନଂ ୩୨୬ର ସ୍ଥାନେ ସ୍ଥାନେ ଏଭଳି ଔଷଧ ପଡ଼ିରହିଛି। ଏତେ ପରିମାଣର ଔଷଧ କୁଆଡୁ ଆସିଲା ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଶୁକ୍ରବାର ସକାଳୁ ଏହି ଖବର ପ୍ରଘଟ ପରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଘଟଣା ସ୍ଥଳରେ

## ସ୍ୱାସ୍ଥ୍ୟ ବିଭାଗର ଯାଞ୍ଚ ଆରମ୍ଭ

ପହଞ୍ଚି ନମୂନା ସଂଗ୍ରହ କରିବା ସହ ଯାଞ୍ଚ ଆରମ୍ଭ କରିଛି। ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏହି ମେଡ଼ିସିନ ଡାକ୍ତରଖାନାର ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି। ବ୍ରହ୍ମପୁର-ରାୟଗଡା ୩୨୬ ନମ୍ବର ଜାତୀୟ ରାଜପଥରେ ଶତାଧିକ ଗାଡି ଗଞ୍ଜାମରୁ ଗଜପତି, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ସମେତ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ବେଳେ ଅନ୍ୟ କୌଣସି ଜିଲ୍ଲାରୁ ଗାଡ଼ି ଦ୍ୱାରା ମେଡ଼ିସିନ ଆଣି ଫୋପଡ଼ା ଯାଇଥିବା ସନ୍ଦେହ କରୁଛି ସ୍ୱାସ୍ଥ୍ୟ ବିଭାଗ। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ମାମଲା କରାଯାଇ ପୁଲିସର ସହାୟତା ନିଆଯାଇଛି। ବର୍ତ୍ତମାନ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୟ ପଣ୍ଡା ସୂଚନା ଦେଇଛନ୍ତି। ତେବେ କିଏ ଏବଂ କାହିଁକି ଏତେ ପରିମାଣର ସରକାରୀ ଔଷଧ ରାସ୍ତା କଡ଼ରେ ଫୋପାଡ଼ିଲା ତାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜି.ଉଦୟଗିରିରେ ପାରଦ ୪.୩ ଡିଗ୍ରୀ

ଜି. ଉଦୟଗିରି,୧୯ ।୧୨(ସମିସ): ଜାରି ରହିଛି ଶୀତ ଲହରୀ। ଦିନକୁ ଦିନ ପାରଦ ତଳମୁହାଁ ହେବାରେ ଲାଗିଛି। ଘରୁ ବାହାରକୁ ବାହାରିବା କଷ୍ଟକର ହେଉଛି। କୋହଲା ପବନ ଶୀତକୁ ଦ୍ୱିଗୁଣିତ କରିଛି। ଦିନ ତମାମ ଖରାରେ ଲୋକଙ୍କ ସମୟ ବିତୁଥିବା ବେଳେ ସନ୍ଧ୍ୟା ନଇଁଲେ ନିଆଁ ସାହାରାରେ ଚାଲୁଛି ଜୀବନ ଜୀବିକା। ଦିନରେ ବି ଘର ଭିତରେ ରହିବା କଷ୍ଟକର ହେଇଛି। ଏମିତି ଅବସ୍ଥା ୧୫ ଦିନ ହେଲା ଲାଗି ରହିଥିବା ବେଳେ ଦିନ କୁ ଦିନ ପାରଦ କମିବାରେ ଲାଗିଛି। ବୁଧବାରଦିନ ୫ ଡିଗ୍ରୀ ରହିଥିବା ବେଳେ ଆଜି ୪. ୩ ରହିଛି। ଫଳରେ ସାଧାରଣରେ ସହ୍ୟ କରିବା କଷ୍ଟକର ହୋଇଛି।

## କଳିଙ୍ଗା ଘାଟିରେ ବସ୍ ଦୁର୍ଘଟଣାଗ୍ରସ୍ତ



ଜି.ଉଦୟଗିରି,୧୯ ।୧୨(ସମିସ): କଳିଙ୍ଗା ଘାଟିରେ ପୁଣି ଥରେ ବସ୍ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ବସ ଦୁର୍ଘଟଣା ଗ୍ରସ୍ତ ହେଇଥିଲେ ମଧ୍ୟ ,ଅଳ୍ପକେ ବର୍ତ୍ତି ଯାଇଛନ୍ତି ଯାତ୍ରୀ। ମଧ୍ୟ ରାତିରେ ସାରଳା ନାମକ ଏକ ଯାତ୍ରୀବାହୀ ବସ୍ ଭୁବନେଶ୍ୱରରୁ ଦାରିଙ୍ଗିବାଡ଼ି ଅଭିମୁଖେ ଆସୁଥିବା ବେଳେ କଳିଙ୍ଗା ଘାଟିରେ ଗାର୍ଡୱାଲ୍‌ରେ ପିଟି ହୋଇ ପାହାଡ଼ ପାଶ୍ୱର୍ରେ ରହିଯାଇଥିଲା। ଫଳରେ କ୍ଷୟକ୍ଷତି ବିଶେଷ ହୋଇନାହିଁ। ଯାହା ଫଳରେ ଏକ ବଡ଼ ବିପଦ ଟଳିଯାଇଛି। ସାଧାରଣତଃ ଘାଟି ତଳକୁ ଆସୁଥିବା ବେଳେ ଦୁର୍ଘଟଣା ହେଉଥିବା ନଜିର ରହିଥିବା ବେଳେ ଘାଟି ଉଠୁଥିବା ବେଳେ କିପରି ଏହା ଦୁର୍ଘଟଣା ହେଲା ଏହା ସମସ୍ତଙ୍କୁ ଚକିତ କରିଛି।

## ଗାଇବା ପ୍ରାଥମିକ ଚିକିତ୍ସାଳୟ ଭେଣ୍ଟିଲେଟର ଭାଙ୍ଗି ଚୋରି



ଗୁମ୍ମା,୧୯ ।୧୨(ସମିସ): ଗଜପତି ଜିଲ୍ଲା ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ପ୍ରାଥମିକ ଚିକିତ୍ସାଳୟରେ ଭେଣ୍ଟିଲେଟର ଭାଙ୍ଗି ଷ୍ଟେଥ ଓ କମ୍ପ୍ୟୁଟର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଚିକିତ୍ସାଳୟରେ ଶୌଚାଳୟ ଭେଣ୍ଟିଲେଟର ଭାଙ୍ଗି ରକ୍ତ ପରୀକ୍ଷା ମେସିନ ବା ଷ୍ଟେଥ, ଗୋଟିଏ କମ୍ପ୍ୟୁଟର, ଦୁଇଟି କି ବୋଡର୍ ଓ ଗୋଟିଏ ମାଉସ ଦୁର୍ବୃତ୍ତ ଚୋରି କରି ନେଇଥିବା ଗାଇବା ଫାଣ୍ଡିରେ ଅଭିଯୋଗ କରିଛନ୍ତି ଦାୟିତ୍ୱରେ ଥିବା ଡ଼ା. ଚିନ୍ମୟ ବିଶ୍ୱାଳ। ଡ଼. ବିଶ୍ୱାଳଙ୍କ କହିବା ଅନୁଯାୟୀ ଗତ ଏପ୍ରିଲ ମାସରେ ମଧ୍ୟ ଚୋରି ଉଦ୍ୟମ ହୋଇଥିଲା। ସୁରକ୍ଷା କର୍ମୀ ଜାଣିବା ପରେ ଚୋର ଚମ୍ପଟ ମାରିଥିଲେ। ଗତକାଲି ବିଳମ୍ବିତ ରାତିରେ ସୁରକ୍ଷାକର୍ମୀ ଶୋଇଥିବାବେଳେ ଦୁର୍ବୃତ୍ତ ଚୋରି କରିନେଇଥିଲେ। ବ୍ଲକ ପ୍ରଶାସନ ନିକଟରେ ଗାଇବା ଚିକିତ୍ସାଳୟ ପାଚେରି ନିର୍ମାଣ ପାଇଁ ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି ପ୍ରକାର ସରକାରୀ ସହାୟତା ମିଳୁନାହିଁ। ସରକାରୀ କାର୍ଯ୍ୟାଳୟରେ ଆବଶ୍ୟକ ସାମଗ୍ରୀ ଚୋରି ହେବା ଏବେ ସାଧାରଣରେ ଚିନ୍ତାର ବିଷୟ ପାଲଟିଛି। ସେହିପରି ଗାଇବା ଫାଣ୍ଡିର ଅତି ନିକଟରେ ବାରମ୍ବାର ଚୋରି ହେବା ଗାଇବା ପୁଲିସ ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ସେହିପରି ସୁରକ୍ଷାକର୍ମୀ ଏବଂ ଦାୟିତ୍ୱରେ ଥିବା ଡାକ୍ତର ମାନଙ୍କ ଅନୁପସ୍ଥିତି ଯୋଗୁ ଚୋରଙ୍କୁ ସୁଯୋଗ ମିଳୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏନେଇ ସେରଙ୍ଗ ଥାନାରେ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଅତିରିକ୍ତ ଥାନା ଅଧିକାରୀ କେଦାର ନାଥ ପଣ୍ଡା କହିଛନ୍ତି।

## ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ




ରାଇକିଆ,୧୯।୧୨(ସମିସ): ରାଇକିଆ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସରୋଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନା ପ୍ରଧାନ, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ଏମ୍‌ପି ପ୍ରତିନିଧି ସନ୍ତୋଷ ଲେଙ୍କା, ବିଡ଼ିଓ ସବ୍ୟସାଚୀ ସାହୁ, ବିଇଓ କେଶବ ମଲ୍ଲିକ, ଡ଼ବ୍ଲୁଇଓ ଉର୍ମିଳା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବୁଲା ପ୍ରଧାନ, ପୂର୍ବତନ କ୍ରୀଡ଼ା ଶିକ୍ଷୟିତ୍ରୀ ସେବତୀ ପ୍ରଧାନ ଯୋଗ ଦେଇ ଛାତ୍ରୀଙ୍କ ଉତ୍ତମ ଭବିଷ୍ୟତ ପାଇଁ କଠିନ ପରିଶ୍ରମ, ସମୟ ଓ ବୁଦ୍ଧିର ଉପଯୋଗ କରି ସଫଳତା ହାସଲ କରି ହେବ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଓ ଶ୍ରେଣୀରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସେଲ୍‌ଫି ପଏଣ୍ଟକୁ ମଧ୍ୟ ଅତିଥି ମାନେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ।

## ଜି.ଉଦୟଗିରିରେ ପ୍ରାକ୍ ଖ୍ରୀଷ୍ଟମାସ



ଜି.ଉଦୟଗିରି,୧୯ ।୧୨(ସମିସ): ଜି .ଉଦୟଗିରି ଅଞ୍ଚଳର ଖ୍ରୀଷ୍ଟୀୟ ସମାଜ କଲ୍ୟାଣ, ରଟିଙ୍ଗିଆ ପକ୍ଷରୁ ଆର୍. ପଡ଼ିକିଆ ସ୍ଥିତ ଉତ୍ତର ଭାରତ ମଣ୍ଡଳୀ ପରିସରରେ ପଞ୍ଚମ ଥର ପାଇଁ ମହାଆଡମ୍ବରରେ ପ୍ରାକ୍ ଖ୍ରୀଷ୍ଟମାସ ପାଳନ କରାଯାଇଛି। ଏହି ଅବସରରେ ଈଶ୍ୱରଙ୍କ ବାକ୍ୟ ପରିବେଷଣ ନିମନ୍ତେ ଫୁଲବାଣୀରୁ ସନ୍ତୋଷ ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜି. ଉଦୟଗିରି ଅଞ୍ଚଳରୁ ଶତାଧିକ ଖ୍ରୀଷ୍ଟୀୟ ବିଶ୍ୱାସୀ ଉପସ୍ଥିତଥିଲେ। ସନ୍ଧ୍ୟାରେ ବିଭିନ୍ନ ମଣ୍ଡଳୀରୁ ଆସିଥିବା ଯୁବକ ଯୁବତୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥି ଭାବେ ରଟିଙ୍ଗିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁ ଯୋଗ ଦେଇଥିବା ବେଳେ, ଖ୍ରୀଷ୍ଟିଆନ୍ ଜନ କଲ୍ୟାଣ ସମାଜ, କନ୍ଧମାଳର ସାଧାରଣ ସମ୍ପାଦକ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ଦାସ, ଆଞ୍ଚଳିକ ଖ୍ରୀଷ୍ଟିଆନ ଜନ କଲ୍ୟାଣ ସମାଜ ଜି.ଉଦୟଗିରି ଉପସଭାପତି ଆମୋଦ ଚନ୍ଦ୍ର ନାୟକ, ଆଞ୍ଚଳିକ ଖ୍ରୀଷ୍ଟିଆନ ଜନ କଲ୍ୟାଣ ସମାଜ ସମ୍ପାଦକ ଆମନ ଚନ୍ଦ୍ର ନାୟକ, ପାଳକ ସାମନ୍ତ ନାୟକ, ରଟିଙ୍ଗିଆ ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ଯୁବ ସମାଜସେବୀ ହୃଷୀକେଶ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଜି .ଉଦୟଗିରି ବ୍ଲକ ଉପାଧ୍ୟକ୍ଷ ଏନ୍. ଲୁକ ସହ ବହୁ ପାଳକ, ପ୍ରଚାରକ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଖ୍ରୀଷ୍ଟୀୟ ସମାଜ କଲ୍ୟାଣ, ରଟିଙ୍ଗିଆର ସଭାପତି ପାଳକ ସଦାନନ୍ଦ ନାୟକ ପରିଚାଳନା କରିଥିଲେ।

## ସୁଶାସନ ସପ୍ତାହ କର୍ମଶାଳା ଶୁଭାରମ୍ଭ

ପାରଳାଖେମୁଣ୍ଡି,୧୯ ।୧୨(ସମିସ): ଜିଲ୍ଲା ସ୍ତରୀୟ ସୁଶାସନ ସପ୍ତାହ ପ୍ରଶାସନ 'ଗାଁ କି ଔର' କର୍ମଶାଳା କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ଓସ୍ୱାନ ହଲରେ ଶୁଭାରମ୍ଭ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଭାଗ ତଥା ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ସମେତ ସାଧାରଣ



ଜନତାଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରି ସମସ୍ତ ଆଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ଆଲୋଚନା ହୋଇଥିଲା। ଏହି 'ସୁଶାସନ ସପ୍ତାହ' ପ୍ରଶାସନ ଗାଁ କି ଔର' କର୍ମଶାଳା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଆଜି ୧୯ ଡିସେମ୍ବର ଠାରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଚାଲୁରହିବ। ଏହି ଅବସରରେ ଗଜପତି ଜିଲ୍ଲାରେ ମଧ୍ୟ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ପର୍ଯ୍ୟନ୍ତ ଜନସାଧାରଣ ଅଭିଯୋଗ ଶୁଣାଣି କରି ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନ କାର୍ଯ୍ୟ କରୁଛି। ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଚିହ୍ନଟ କରି ତୁରନ୍ତ ସମାଧାନ କରିବା ସହ ଜନସେବା ପ୍ରଦାନ କରିବା, ବିଚାରଧୀନ ଜନସାଧାରଣଙ୍କ ଅଭିଯୋଗ ସମାଧାନ, ଅନଲାଇନ୍ ସେବା ପ୍ରଦାନ କରିବା ସୁଶାସନ ସପ୍ତାହ ମୂଳ ଉଦ୍ଦେଶ୍ୟ ବୋଲି ଜଣାପଡିଛି। ଆଜିର ଏହି ସୁଶାସନ ସପ୍ତାହ କର୍ମଶାଳା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ମିତାଲୀ ପାଢ଼ୀ, କାଶ୍ୟପି ବେହେରା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଇକିଆ ବଣିକ ସଂଘର ପ୍ରତିଷ୍ଠା ଦିବସ




ରାଇକିଆ,୧୯।୧୨(ସମିସ): ରାଇକିଆ ବଣିକ ସଂଘର ୭ମ ପ୍ରତିଷ୍ଠା ଦିବସ ଶୁକ୍ରବାର ହରି ଓମ୍ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି। ସଭାପତି ପଦ୍ମ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନା ପ୍ରଧାନ, ବିଡ଼ିଓ ସବ୍ୟସାଚୀ ସାହୁ, ଥାନା ଅଧିକାରୀ ଆଶୁତୋଷ ପାଇକରାୟ ଯୋଗ ଦେଇଥିଲେ। ସଂପାଦକ ଦୁର୍ଯ୍ୟୋଧନ ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଘର ବ୍ୟବସାୟିକ କ୍ଷେତ୍ରରେ ସଦସ୍ୟଙ୍କ ବିଭିନ୍ନ ସମସ୍ୟାର ସମାଧାନ ସହିତ ସାମାଜିକ କାର୍ଯ୍ୟରେ ମଧ୍ୟ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକ୍ରମ ମାନ ଆୟୋଜନ କରି ସଂଘ ସଚେତନତା ସୃଷ୍ଟି କରି ଆସୁଥିବା ନେଇ ସମ୍ପାଦକ ପ୍ରକାଶ କରିଥିଲେ। ଚଳିତ ବର୍ଷ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଉପସଭାପତି ସନ୍ତୋଷ ପଣ୍ଡା,ବି. ତ୍ରିପତି ସୁବୁଦ୍ଧି, କୋଷାଧ୍ୟକ୍ଷ ସତୀଶ ପାତ୍ର, ସଂଗଠନ ସମ୍ପାଦକ ଶ୍ରୀ ନିବାସ, ଯୁଗ୍ମ ସମ୍ପାଦକ ଆର୍ ମହେନ୍ଦ୍ର ପାତ୍ରଙ୍କ ସମେତ କାର୍ଯ୍ୟନିର୍ବାହୀ ସଦସ୍ୟ ପରିଚାଳନା କରିଥିଲେ। ସଂଘର ସମସ୍ତ ସଦସ୍ୟ ଏବଂ ନିମନ୍ତ୍ରିତ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ରାଉତପୁରରେ ପ୍ରି-ଖ୍ରୀଷ୍ଟ ମାସ



ଗୋଷାଣି,୧୯ ।୧୨(ସମିସ): ବଡ଼ଦିନ ଅବସରରେ ପ୍ରି-ଖ୍ରୀଷ୍ଟ ମାସ ମହୋତ୍ସବ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ରାଉତପୁର ଖେଳ ପଡ଼ିଆ ନିକଟରେ ଥିବା ଜିହବା ନିଶି ଭବନରେ ଅନୁଷ୍ଠିତ ହୋଇଯାଇଛ। ଏହି ମହୋତ୍ସବ ବିଶ୍ୱ ସଂଖ୍ୟାଲଘୁ ପରିଷଦ କର୍ମକର୍ତ୍ତାଙ୍କ ନେତୃତ୍ୱରେ ହୋଇଥିବା ବେଳେ ଆୟୋଜକ ମଣ୍ଡଳୀର ରାମ ଦଳବେହେରାଙ୍କ ସଭାପତିତ୍ୱରେ ହୋଇଥିଲା। ମହୋତ୍ସବରେ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା ଜିଲ୍ଲାରୁ ବିଭିନ୍ନ ବର୍ଗର ଖ୍ରୀଷ୍ଟ ଧର୍ମାବଲମ୍ବୀ ଯୋଗ ଦେଇଥିଲେ। ସକାଳେ ରାଉତପୁର ଗ୍ରାମରେ ପହଞ୍ଚି ଗ୍ରାମ ଆରମ୍ଭରୁ ଏକ ନୃତ୍ୟ ମାଧ୍ୟମରେ ଶୋଭାଯାତ୍ରାରେ ବାହାରି ରାଉତପୁର ଖେଳପଡ଼ିଆରେ ଜିହବା ନିଶିଭବନରେ ପହଞ୍ଚିଥିଲେ। ଏହି ଉତ୍ସବରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ସଂଖ୍ୟାଲଘୁଙ୍କ ଏକତା, ଶୃଙ୍ଖଳିତ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଆସୁଥିବା ଖ୍ରୀଷ୍ଟମାସ ତଥା ବଡଦିନ ଓ ନୂଆ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ରମ୍ଭା ସମିତିସଭ୍ୟ ନୀର ଭୂୟାଁ, ଗୋଷାଣି ବ୍ଲକ ଯୁବ ବିଜେଡି ସଭାପତି ପି.ନାଗେଶ୍ୱର ରାଓ ଓ ଯୁବନେତା ମାଲା ଶ୍ରୀନୁ ଉପସ୍ଥିତ ଥିଲେ।

## ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



କାଶୀନଗର,୧୯।୧୨(ସମିସ): ଗଜପତି ଜିଲ୍ଲା କାଶୀନଗର ସହରସ୍ଥିତ ପିଏମଶ୍ରୀ ବାରାଣସୀ ସରକାରୀ ହାଇସ୍କୁଲ ଖେଳ ପଡ଼ିଆରେ ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଶୁକ୍ରବାର ଦିନ ଏ ଉପଲକ୍ଷେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଏମ୍. ସୁଧାରାଣୀ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନଳିନୀକାନ୍ତ ପାତ୍ର, ଏବିଇଓ ନର୍ମଦା ଦାଶ ଓ ସ୍ଥାନୀୟ କେତେଜଣ ଖେଳପ୍ରେମୀ ବ୍ୟକ୍ତି ମଞ୍ଚାସୀନ ଥିଲେ। ଦୌଡ, ଜାଭଲିନ୍ ଥ୍ରୋ, ଡିସ୍‌କସ ଥ୍ରୋ, ସଟପୁଟ୍ ପ୍ରଭୃତି ଇଭେଣ୍ଟ ସହ କବାଡି, ଭଲିବଲ୍ , ଖୋଖୋର ଚୂଡ଼ାନ୍ତ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆର୍. ଦିଲୀପ କୁମାର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶୁଭ୍ରାଂଶୁ ପଣ୍ଡାଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷକ ଏ. ମଧୁସୂଦନ ରାଓ ଅନ୍ୟ ବ୍ଲକରୁ ଆସିଥିବା କ୍ରୀଡ଼ା ଶିକ୍ଷକଙ୍କ ସହ ମିଶି ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ସହର ଶେଷରେ ଥିବା ଠାକୁରାଣୀ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ମଶାଲ ଅଣାଯାଇଥିଲା। ଶନିବାର ଅପରାହ୍ନରେ ଉକ୍ତ ପ୍ରତିଯୋଗିତା ଉଦଯାପିତ ହେବ ବୋଲି ଜଣାପଡିଛି।

## ସନ୍ତୋଷ ଟ୍ରଫି ପାଇଁ ଓଡ଼ିଶା ଦଳରେ କନ୍ଧମାଳର ହରିଶଙ୍କର



ଫିରିଙ୍ଗିଆ,୧୯।୧୨(ସମିସ): କନ୍ଧମାଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଫିରିଙ୍ଗିଆ ବ୍ଲକ ଖଜୁରୀପଡା ଗାଁର ଉଦୀୟମାନ ଫୁଟବଲ ଖେଳାଳି ହରିଶଙ୍କର ନାୟକ। ଜିଲ୍ଲାରେ ରାଜା ନାମରେ ପରିଚିତ ଏହି ଖେଳାଳି ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ସନ୍ତୋଷ ଟ୍ରଫି ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଘୋଷିତ ଓଡ଼ିଶା ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ଆସନ୍ତା ୨୨ ତାରିଖରୁ ଛତିଶଗଡ଼ର ନାରାୟଣପୁରରେ ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ହରିଶଙ୍କର ଚାରି ବର୍ଷ ଧରି କନ୍ଧମାଳ ଜିଲ୍ଲା ସିନିଅର ଫୁଟରବଲ ଦଳର ଅଧିନାୟକ ରହିଛନ୍ତି। ତାଙ୍କ ନେତୃତ୍ୱରେ ୨୦୨୩ ମସିହା ସାହାଣୀ କପ୍ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟରେ କନ୍ଧମାଳ ଦଳ ରନର୍ସ-ଅପ୍ ହୋଇଥିଲା। ଏହା ବ୍ୟତୀତ ସେ ୨୦୨୩ରେ ଓଡ଼ିଶା ଏଫ୍‌ସି ତରଫରୁ ସର୍ବଭାରତୀୟ ଡୁରାଣ୍ଡ କପ୍‌ରେ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ଚଳିତ ୨୦୨୫ ସାହାଣୀ କପ୍‌ରେ ତାଙ୍କର ଉଚ୍ଚକୋଟୀର ପ୍ରଦର୍ଶନ ରାଜ୍ୟ ଚୟନକର୍ତ୍ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ତାଙ୍କର ଏହି ସଫଳତା ପାଇଁ କନ୍ଧମାଳ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ସମସ୍ତ କର୍ମକର୍ତ୍ତା, ପୂର୍ବତନ ଖେଳାଳି ସରୋଜ ମୁନି, ଅଶୋକ ପଟ୍ଟନାୟକ, ଦେବେନ୍ଦ୍ର କହଁର ଏବଂ କ୍ରୀଡା ସଂଗଠକ ହୃଦୟ ରଞ୍ଜନ ବେହେରା, ଫିରିଙ୍ଗିଆର ବରିଷ୍ଠ ଫୁଟବଲ ଖେଳାଳି ତଥା ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରି ଓ ଜଳନ୍ଧର ବେହେରା ଶୁଭେଚ୍ଛା ଜଣାଇଛନ୍ତି।

## ଜଙ୍ଗଲ ନିଆଁ ନିବାରଣ ନିମନ୍ତେ ସମନ୍ୱୟ ବୈଠକ



ପାରଳାଖେମୁଣ୍ଡି,୧୯ ।୧୨ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ-୧ରେ ୨୦୨୫-୨୨୬ ବର୍ଷ ନିମନ୍ତେ ଜଙ୍ଗଲ ଅଗ୍ନି ନିବାରଣ ଏବଂ ପରିଚାଳନା ପାଇଁ ଜିଲ୍ଲା କାର୍ଯ୍ୟ ଯୋଜନା ଚୂଡ଼ାନ୍ତ କରିବାକୁ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗାଙ୍କ ଅଧ୍ୟକ୍ଷତାରେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗାରାଜୁଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ଏଥିରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଭର୍ଚୁଆଲ୍ ମୋଡ୍‌ରେ ଯୋଗ ଦେଇଥିଲେ। ବୈଠକରେ ପୁଲିସ ସମେତ ଜିଲ୍ଲା ଅଗ୍ନିଶମ ଅଧିକାରୀ, ସିଡିଏମ୍‌ଓ, ଜିଲ୍ଲା ସଂସ୍କୃତି ଅଧିକାରୀ, ଏସିଏଫ୍, ରେଞ୍ଜ ଅଧିକାରୀ, ବିଡିଓ, ତହସିଲଦାର ଏବଂ ଅନ୍ୟାନ୍ୟ ଲାଇନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଡିଏଫଓ ଶ୍ରୀ ନାଗାରାଜୁ ବିଭିନ୍ନ ଲାଇନ ବିଭାଗର ଭୂମିକା ଏବଂ ଦାୟିତ୍ୱ ବର୍ଣ୍ଣନା କରି ପ୍ରଚଳିତ ଜଙ୍ଗଲ ଅଗ୍ନି ପରିସ୍ଥିତି ବିଷୟରେ ସୂଚନା ଦେଇଥିଲେ। ଏହା ପରେ ଗତ ୫ ବର୍ଷର ଅଗ୍ନି କେନ୍ଦ୍ର ଗୁଡ଼ିକର ବିଶ୍ଳେଷଣ ଉପରେ ଏକ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ଯାହା ପରେ ପରାମର୍ଶ, ମନ୍ତବ୍ୟ ଏବଂ ପର୍ଯ୍ୟବେକ୍ଷଣ ଏବଂ ଆଲୋଚନା କରାଯାଇଥିଲା।

## ଜି.ଉଦୟଗିରିରେ ଶାନ୍ତି କମିଟି ବୈଠକ



ଜି.ଉଦୟଗିରି,୧୯ ।୧୨(ସମିସ): ଦିନ କେଇଟା ପରେ ପାଳନ ହେବବଡ଼ ଦିନ। ଏଥିପାଇଁ କନ୍ଧମାଳ ଜିଲ୍ଲା ସହ ଜି.ଉଦୟଗିରି ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। କିଛିଦିନ ପୂର୍ବରୁ ପୁଲିସ ତରଫରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହରେ ଶାନ୍ତି କମିଟି ବୈଠକରେ ଉପଖଣ୍ଡ ପୁଲିସ ଅଧିକାରୀ ବିଜୟ ବିଶି, ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ବିଡ଼ିଓ ଶରତ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ଶିଶିର ପଟ୍ଟନାୟକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ବାଘ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଗୌରବ କର, ସାଂସଦ ପ୍ରତିନିଧି ପ୍ରିୟବ୍ରତ ସାହୁ, ବରିଷ୍ଠ ବିଜେପି ନେତା ମାନ ଗୋବିନ୍ଦ ପ୍ରଧାନ ମଞ୍ଚାସୀନ ଥିଲେ। ଏହା ସହିତ ଅଞ୍ଚଳର ସମସ୍ତ ବର୍ଗର ବ୍ୟକ୍ତି ବିଶେଷ, ଗଣ ମାଧ୍ୟମ ପ୍ରତିନିଧି, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ ମତବ୍ୟକ୍ତ କରିଥିଲେ। ବଡ଼ଦିନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହିତ ସ୍ୱତନ୍ତ୍ର ପାଟ୍ରୋଲିଂ କରାଯିବ ଏବଂ ସ୍ୱତନ୍ତ୍ର ମୋବାଇଲ ନମ୍ବର ଜାରି କରାଯାଇଛି। କୌଣସି ଗୁଜବକୁ ପ୍ରଚାର ପ୍ରସାର ନ କରିବାକୁ ନିବେଦନ କରାଯାଇଥିବା ବେଳେ କେହି ବିଶ୍ୱାସ ନ କରିବାକୁ ଅପିଲ କରାଯାଇଛି।

# ସିସିଟିଭି ଜଗିବ ପାରଳାଖେମୁଣ୍ଡି ସହର

ପାରଳାଖେମୁଣ୍ଡି,୧୯ ।୧୨(ସମିସ):



**ଜାନୁଆରୀ ପହିଲାରୁ କାର୍ଯ୍ୟକ୍ଷମ**

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରକୁ ଜଗିବ ସିସିଟିଭି। ବିଭିନ୍ନ ସ୍ଥାନରେ ଏବେ ସିସିଟିଭି ଲଗାଯାଉଥିବାବେଳେ ସମ୍ଭବତଃ ୨୦୨୬ ଜାନୁୟାରୀ ୧ରେ ଏହାର ଶୁଭାରମ୍ଭ ହେବ। ଏପରି ସିସିଟିଭି ଲଗାଯାଉଥିବାକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସିସିଟିଭି ଲାଗିବା ଦ୍ୱାରା ସହରର ଟ୍ରାଫିକ୍‌ରେ ଉପୁଜୁଥିବା ସମସ୍ୟା ସହ ଅପରାଧିଙ୍କ କାଣ୍ଡ କ୍ୟାମେରାରେ କଏଦ ହେବ ଓ ପୁଲିସକୁ ସେମାନଙ୍କୁ ଟ୍ରାକ୍ କରିବାରେ ସୁବିଧା ହେବ। ସହରରେ ସିସିଟିଭି ନଥିବା ଯୋଗୁ ଅନେକ ସମସ୍ୟା ସହ ଚୋରି ଓ ରାହାଜାନୀ ଘଟଣା ଘଟୁଥିଲେ ମଧ୍ୟ ପୁଲିସ ଅପରାଧୀଙ୍କ ଟେର୍ ପାଉନଥିଲା। ସହରରେ ବେପରୁଆ ଗାଡିଚାଳନା, ଅସାମାଜିକ ତତ୍ତ୍ୱଙ୍କ କାର୍ଯ୍ୟକଳାପ ଆଦି ମଧ୍ୟ ବଢିବାରେ ଲାଗିଛି। ଅନ୍ୟପକ୍ଷରେ ରାଜ୍ୟର ପ୍ରମୁଖ ସହରାଞ୍ଚଳରେ ପୁଲିସ୍ ବିଭାଗ କିମ୍ବା ପୌରପରିଷଦ ପକ୍ଷରୁ ସିସିଟିଭି ଲଗାଯାଇ ସାରିଥିଲେ ମଧ୍ୟ ପାରଳାଖେମୁଣ୍ଡି ସହରରେ ସିସିଟିଭି ଖଞ୍ଜା ଯାଇନଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏନେଇ ପୁଲିସ୍ ଓ ପ୍ରଶାସନର ପ୍ରଚେଷ୍ଟା କରୁଥିଲେ। ପରିଶେଷରେ ପୌରପରିଷଦ ପକ୍ଷରୁ ଏପରି ସିସିଟିଭି ଲଗାଯିବାକୁ ଦେଖି ଜନସାଧାରଣରେ ସ୍ୱାଗତ କରିଛନ୍ତି। ଏହି ସିସିଟିଭି କ୍ୟାମେରା ପୁରୁଣାକୋର୍ଟ ଛକ, ମେଡିକାଲ ରୋଡ ଆଦି ପ୍ରମୁଖ ଛକ ଗୁଡିକରେ ଲଗାଯାଉଛି। ସହରର ୧୨ ପ୍ରମୁଖ ଛକରେ ସିସିଟିଭି ଲଗାଯାଇଥିବା ପୌରାଧ୍ୟକ୍ଷା ନିର୍ମଳା ସେଠୀ ଜଣାଇଛନ୍ତି।

# ବ୍ଲକ୍‌ସ୍ତରୀୟ ପରିବେଶ ମେଳା ପ୍ରଦର୍ଶନୀ

ଦାରିଙ୍ଗବାଡ଼ି,୧୯।୧୨(ସମିସ): ଦାରିଙ୍ଗବାଡି ବ୍ଲକ ବୁଢ଼ାଗୁଡା ପଞ୍ଚାୟତସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଇକୋ ମଡେଲ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୧୩ଟି ବିଦ୍ୟାଳୟରୁ ୨୧ଗୋଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ସଂସ୍କୃତ ବିଦ୍ୟପାଠ ଫୁଲବାଣୀର ବରିଷ୍ଠ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ରଥ, ସରକାରୀ ଉଚ୍ଚ ବିଦ୍ୟାଳୟ ଟିକରପଡାର ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ସାହୁ ଓ କାଟ୍ରିଙ୍ଗିଆ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଭୟ କୁମାର ପ୍ରଧାନ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡିଶା ପରିବେଶ ସମିତି, ଭୁବନେଶ୍ୱରର ବରିଷ୍ଠ ସଦସ୍ୟଗଣଙ୍କ ଉପସ୍ଥିତି ପରିବେଶ ମେଳାର ମାଧୁର୍ଯ୍ୟକୁ ବହୁଗୁଣିତ କରିଥିଲା। ପରିବେଶ ସମିତିର ସମ୍ପାଦକ ଇଂ ମନରଞ୍ଜନ ମିଶ୍ର ମୁଖ୍ୟ ଅତିଥି, ଇଂ ବିମଳ ଚନ୍ଦ୍ର ଦାସ ମୁଖ୍ୟ ବକ୍ତା ଏବଂ ରମେଶ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମମତା ମିଶ୍ର, ସରିତା ପଣ୍ଡା, ଡ଼. ସୁଜାତା ମିଶ୍ର, ଅଧ୍ୟାପିକା ସୁଜାତା ଗଡ଼ନାୟକ, ବିନୀତ ଗିରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରେଣ୍ୟ ଅତିଥିଗଣ ଛାତ୍ର ଛାତ୍ରୀଙ୍କୁ ପରିବେଶ ସୁରକ୍ଷା, ପ୍ରକୃତି ସଂରକ୍ଷଣ ଓ ସ୍ଥାୟୀ ବିକାଶ ପାଇଁ ପ୍ଲାଷ୍ଟିକ ର ମିତବ୍ୟୟିତା ଉପରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ ବୁଢ଼ାଗୁଡା ଉଚ୍ଚ ବିଦ୍ୟାଳୟର ଯୋଗେଶ୍ୱର ଦଣ୍ଡସେନା, ସରକାରୀ ଉଚ୍ଚ ବିଦ୍ୟାଳୟ, କୋଟସିଂର ଅଖିଳେଶ ପାତ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୁଢ଼ାଗୁଡ଼ାର ଆୟେସା ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।



# ଟାମଣାରେ ବଢୁଛି ଚୋରା ମଦ କାରବାର

## ଅବକାରୀ ବିଭାଗ ନିଷ୍କ୍ରିୟ, ଅସାଧୁ ବେପାରୀ ସକ୍ରିୟ

ରଙ୍ଗେଇଲୁଣ୍ଡା,୧୯ ।୧୨(ସମିସ)

ଗଞ୍ଜାମ ଜିଲ୍ଲାରେ ମାଦକ ଦ୍ରବ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖିବା ପାଇଁ ସ୍ୱତନ୍ତ୍ର ବିଭାଗ ରହିଥିଲେ ମଧ୍ୟ ଅନ୍ୟ ବିଭାଗ କାର୍ଯ୍ୟ କରୁଥିବା ନେଇ ଦେଖିବାକୁ ମିଳିଛି। ଗୋଳନ୍ଥରା ଥାନା ଅଧିନସ୍ଥ ଟାମଣା ଛକରେ ଗତ କିଛି ମାସ ହେଲା ଚୋରା ଓ ଅପମିଶ୍ରିତ ବିଦେଶୀ ମଦ କାରବାର ବୃଦ୍ଧି ପାଇଛି। କିଚି ବ୍ୟକ୍ତି ଅସାଧୁ କାରବାରରେ ଲିପ୍ତ ରହି ଚୋରା ମଦ ବିକ୍ରି କରି ମାଲାମାଲ୍ ହେଉଥିବା ବେଳେ ସରକାର ରାଜସ୍ୱ ହରାଉଛନ୍ତି। ଏନେଇ ଅବକାରୀ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ପୁଲିସ ଚଢାଉ କରି ସଫଳତା ହାସଲ କରୁଥିବା ବେଳେ ଧର୍ମକ ଆଖିଠାର ଭଳି ଚଢାଉ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଟାମଣା ଛକରେ ଖୋଲାଖୋଲି ଭାବେ ବିଭିନ୍ନ କିରାଣୀ ଓ ପାନ ଦୋକାନରେ ଚୋରା ମଦ ବିଦେଶୀ ଓ ଅପମିଶ୍ରିତ ବଦ ବିକ୍ରି ହେଉଛି। ଫଳରେ ମଦମୃତ୍ୟୁର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ଅନ୍ୟପକ୍ଷରେ ଅବକାରୀ ବିଭାଗର କିଛି କର୍ମଚାରୀ ଓ ଅଧିକାରୀ ସହ ଚୋରା ମଦ ବ୍ୟବସାୟୀଙ୍କ ଭିତିରି ସମ୍ପର୍କ ରହୁଥିବା ଚର୍ଚ୍ଚା ହେଉଛି।

ଏଥିଯୋଗୁଁ ଜୋରଦାର ଚଢାଉ ହେଉନଥିବା ବେଳେ ଏହା ପୂର୍ବରୁ ବ୍ୟବସାୟୀ ଖବର ପାଇ ଯାଉଛନ୍ତି। ଚଢାଉ ପରେ କମ୍ ମଦ ଦେଖାଇ କିଭଳି ସ୍ୱଳ୍ପ ସମୟ ମଧ୍ୟରେ ଜାମିନ୍‌ରେ ମୁକୁଳିବେ ସେହି ବାଟ ମଧ୍ୟ ଦେଖାଉଛନ୍ତି। ପରେ ଜାମିନ୍ ଆସି ପୁଣି ମଦ ସାମ୍ରାଜ୍ୟ ବିସ୍ତାର କରିବାକୁ ପଛାଉ ନାହାନ୍ତି।

ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଟାମଣା ଅଞ୍ଚଳରେ ଚୋରା ମଦ କାରବାର ରୋକିବାକୁ ସାଧାରଣରେ ଦୃଢ ଦାବି ହୋଇଛି। ଏନେଇ ଆମେ ଉଚ୍ଚ ପଦାଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇପାରିନି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଛତ୍ରପୁର,୧୯ ।୧୨(ସମିସ): ଛତ୍ରପୁର ସହରର ବରିଷ୍ଠ ଓକିଲ ସୂର୍ଯ୍ୟନାରାୟଣ ସାମନ୍ତରାୟଙ୍କ ପତ୍ନୀ ତଥା ଧର୍ମପ୍ରାଣା ମହିଳା ସରୋଜିନୀ ସାମନ୍ତରାୟ(୭୮)ଙ୍କ ପରଲୋକ ଘଟିଛି। ଅନ୍ତିମ ଶଯ୍ୟା ନିକଟରେ ସ୍ୱାମୀ ଆଇନଜୀବୀ ସୂର୍ଯ୍ୟ ନାରାୟଣ ସାମନ୍ତରାୟ, ପୁଅ ତଥା ଆଇନଜୀବୀ ସୁରଜିତ ସାମନ୍ତରାୟ, ବୋହୂ, ୪ ଝିଅ-ଜ୍ୱାଇଁ, ନାତି, ନାତୁଣୀ ଏବଂ ବନ୍ଧୁବାନ୍ଧବ, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ, ଯୁବ ଆଇନଜୀବୀ ତଥା ୟୁରୋ ସ୍କୁଲ ମୁଖ୍ୟ ରଞ୍ଜନ ମହାପାତ୍ର, କାଉନସିଲର ଦେବାଶିଷ ମିଶ୍ର, ରୋଟାରିୟନ ଏମ. ଧନଞ୍ଜୟ ରେ‡ୀ, ଏନ. ଗିରିଧର ରାଓ, ଶ୍ରୀକାନ୍ତ ମହାନ୍ତି, ଏସ. ପ୍ରବୀଣ କୁମାରଙ୍କ ସମେତ ବହୁ ଆଇନଜୀବୀ, ଛତ୍ରପୁର ରୋଟାରି କ୍ଲବ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ। ପାଲିଆ ଛତ୍ରପୁର ନିକଟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ସୁରଜିତ ମୁଖାଗ୍ନି ଦେଇଥିଲେ।

# ମାଲ୍ ବୋଝେଇ ଗାଡ଼ିରୁ ୩୭୮ କିଲୋ ଗଞ୍ଜେଇ ଜବତ



ଫିରିଙ୍ଗିଆ,୧୯।୧୨(ସମିସ): କନ୍ଧମାଳ ଜିଲ୍ଲା ଗୋଚ୍ଛାପଡା ପୁଲିସ ଶୁକ୍ରବାର ପାଟ୍ରୋଲିଂ କରୁଥିବା ବେଳେ ଏକ ମାଲ ବୋଝେଇ ଗାଡ଼ିରୁ ୩୭୮ କିଲୋ ଗଞ୍ଜେଇ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଛି। ଦିନ ପ୍ରାୟ ୧୧ଟାବେଳେ ଗୋଚ୍ଛାପଡା ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗୋଚ୍ଛାପଡ଼ାଠାରୁ ଫୁଲବାଣୀ ଯାଉଥିବା ମୁଖ୍ୟ ରାସ୍ତାର କାଟ୍ରାମାଳା ଛକ ନିକଟରେ ଗାଡ଼ିଟିକୁ ଅଟକାଇ ଯାଞ୍ଚ ବେଳେ ୧୫ ବସ୍ତା ଗଞ୍ଜେଇ ମିଳିଥିଲା। ଚାଳକକୁ ପଚରା ଉଚୁରା କରିବା ପରେ ଗୋଚ୍ଛାପଡା ଥାନା ସଲାଗୁଡା ଅଞ୍ଚଳରୁ ଫୁଲବାଣୀ ଗଞ୍ଜେଇ ଚାଲାଣ କରୁଥିବା ସ୍ୱୀକାର କରିଥିଲା। ପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବା ସହ ଡ୍ରାଇଭରକୁ ଗିରଫ କରାଯାଇଥିଲା।

ଗିରଫ ଡ୍ରାଇଭର ଜଣକ କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନା ଗୁଦାରୀ ପଞ୍ଚାୟତ ଶ୍ରୀରାମ ନଗରର ପ୍ରମୋଦ କୁମାର ସାହୁ ବୋଲି ଜଣାପଡିଛି।

# ବୃତ୍ତି ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସଫଳତା

ଗଞ୍ଜାମ,୧୯ ।୧୨(ସମିସ): ରାଜ୍ୟସ୍ତରୀୟ ବୃତ୍ତି ପରୀକ୍ଷାରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ପରୀକ୍ଷାରେ ପଞ୍ଚମ ଶ୍ରେଣୀର ଛାତ୍ର ସାଇନାଥ ମିଶ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ତୃତୀୟ ଶ୍ରେଣୀର ଛାତ୍ରୀ ସୁଶ୍ରୀ ସଂସ୍କୃତି ରାଓ ଗଞ୍ଜାମ ବ୍ଲକରେ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ତପସ୍ୱିନୀ ପଲାଇ ଷଷ୍ଠ ସ୍ଥାନ ରଖିଛନ୍ତି। ଛାତ୍ର ଛାତ୍ରୀ ମାନଙ୍କ ଶତ ପ୍ରତିଶତ ସଫଳତା ବିଦ୍ୟାଳୟ ପାଇଁ ସୁନାମ ଆଣି ଦେଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ରେଡି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# କଳିଙ୍ଗା ଘାଟିରେ ସେନ୍ସର ଭାଙ୍ଗିଲେ ଦୁର୍ବୃତ୍ତ



ଜି.ଉଦୟଗିରି,୧୯ ।୧୨(ସମିସ): ଚଳିତ ମାସ ୪ ତାରିଖରେ ରାଜ୍ୟରେ ପ୍ରଥମ କରି ପାଇଲଟ୍ ପ୍ରୋଜେକ୍ଟ ଭାବେ କଳିଙ୍ଗା ଘାଟିରେ ଦୁର୍ଘଟଣା ରୋକିବାକୁ ଆଇଆଇଟି ଭୁବନେଶ୍ୱର ଦ୍ୱାରା ଲାଗିଥିଲା ସେନ୍ସର। ଏହାର ସଫଳତାକୁ ନେଇ ଅନ୍ୟ ଘାଟି ଅଞ୍ଚଳରେ ଲଗାଯିବା ଯୋଜନା ରହିଥିଲା। କିନ୍ତୁ ୧୫ ଦିନ ନହେଉଣୁ ଏହି ସେନ୍ସର ସିଷ୍ଟମକୁ ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଲଗାଯାଇଥିବା ସେନ୍ସର ରେଡ୍ ଲାଇଟକୁ ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ବେଳେ ଯନ୍ତ୍ରାଂଶ ଭାଙ୍ଗି ଓହଳି ରହିଛି। ନୂଆ କରି ଲଗାଯାଇଥିବା ଏହି ସେନ୍ସର ଉପରେ ଦୁର୍ଘଟଣା ରୋକିବାରେ ସଫଳ ହେଉଥିବା ବେଳେ ଏବେ ଏହା ଭାଙ୍ଗିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ। ଏଭଳି ଅସାମାଜିକ ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

# ଧାନ ଖଳାରେ ଲାଗିଲା ନିଆଁ

ପାରଳାଖେମୁଣ୍ଡି,୧୯ ।୧୨(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଜୀବା ପଞ୍ଚାୟତ ପାଞ୍ଚମାଇଲ-ଅନୁକୁଣ୍ଡା ଗ୍ରାମ ନିକଟସ୍ଥ ଏକ ଧାନ ଖଳାରେ ନିଆଁ ଲାଗି ବ୍ୟାପକ କ୍ଷତି ହୋଇଛି। ଏମ୍.ତିରୁପତି ନାମକ ଜଣେ ଚାଷୀଙ୍କ ଧାନଖଳାରେ ଆଜି ସନ୍ଧ୍ୟାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁକୁ ଆୟତ କରିବାକୁ ଗ୍ରାମବାସୀ ଓ ଆଖପାଖ ଜମିରେ ଥିବା ଚାଷୀ ଧାନକୁ ସୁରକ୍ଷିତ ରଖିବାକୁ ପ୍ରୟାସ କରିଥିଲେ। ମାତ୍ର ନିଆଁ ଅଣାୟତ ହେବାରୁ ପାରଳାଖେମୁଣ୍ଡି ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। ଫାୟାର ଅଫିସର ଧୀରେନ୍ଦ୍ର କୁମାର ଦାଶଙ୍କ ନେତୃତ୍ୱରେ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେତେ ପରିମାଣର ଧାନ ନଷ୍ଟ ହୋଇଛି ତାହା ସ୍ପଷ୍ଟ ଭାବେ ଜଣାପଡିନାହିଁ।



# ଦୃଷ୍ଟି ଦେଉନି ଓଜନ ଓ ମାପ ବିଭାଗ: କେଜିଏ ବଦଳରେ ୮ ଶହ ଗ୍ରାମ ନେଉଛି ଗ୍ରାହକ

କୁକୁଡ଼ାଖଣ୍ଡି,୧୯ ।୧୨(ସମିସ): ସାଧାରଣ ଖାଉଟିଙ୍କୁ ଉଚିତ ପରିମାଣର ସାମଗ୍ରୀ ପ୍ରଦାନ ସହ ମାପ ଓ ଓଜନରେ କୌଣସି ପ୍ରକାର ଠକେଇ ଯେମିତି ନ ହେବ ସେଥିପାଇଁ ସରକାର ଓଜନ ଓ ମାପ ବିଭାଗ ପ୍ରତି ସଦର ମହକୁମାରେ ରହିଛି। ହେଲେ ଏହି ବିଭାଗର ଅଧିକାରୀ ଓ କର୍ମଚାରୀ ନିଦାବିଷ୍ଟୁ ସାଜିଥିବା ଯୋଗୁ ସାଧାରଣ ଗ୍ରାହକ ଦୈନିକ ଓଜନ ଓ ମାପରେ ଠକେଇର ଶିକାର ହେଉଛନ୍ତି। କିଲୋ ସାମଗ୍ରୀ ପାଇଁ ଟଙ୍କା ଦେଇ ଗ୍ରାହକ ୮ଶହ ଗ୍ରାମ ନେଉଥିବା ଅଭିଯୋଗ ହେଉଛି। ଏବେ ଅଧିକାଂଶ ଦୋକାନରେ ଡିଜିଟାଲ ନିକିତି ରହିଥିବା ବେଳେ ଠିକ୍ ସମୟରେ ସେଗୁଡ଼ିକୁ ବିଭାଗୀୟ ଅଧିକାରୀ ଯାଞ୍ଚ କରୁନାହାନ୍ତି। ଫଳରେ ଦୋକାନୀମାନେ ନିଜ ଇଚ୍ଛାରେ ସେଗୁଡ଼ିକୁ ଟାମ୍ପରିଂ କରି ଓଜନରେ ଠକୁଥିବା ଅଭିଯୋଗ ହେଉଛି। ସାଧାରଣତଃ ଆମିଷ ବଜାର ଓ ପରିବା ବଜାରେ ଏଭଳି ଓଜନଗତ ଠକେଇ ବ୍ୟାପକ ପରିମାଣରେ ହେଉଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି। ତେଣୁ ମାପ ଓ ଓଜନ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଖାଉଟି ମାନେ ଦାବି କରିଛନ୍ତି।



# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ବୁଗୁଡ଼ା,୧୯ ।୧୨(ସମିସ): ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସରୋଜକାନ୍ତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ଉଚ୍ଚଶିକ୍ଷା ବିଭାଗ କ୍ଷେତ୍ରୀୟ ଯୁଗ୍ମ ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ, ସମାଜସେବୀ ରବୀନ୍ଦ୍ର କୁମାର ପରିଡା, ଯୁବନେତା ମହେନ୍ଦ୍ର ପ୍ରସାଦ ପଣ୍ଡା, ରାଜନେତା ରବୀନ୍ଦ୍ରନାଥ ପ୍ରଧାନ, ବ୍ଲକ ଅଧକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ଡିଗ୍ରୀ କଲେଜ ଅଧକ୍ଷ ଗୋପୀନାଥ ମହାନ୍ତି , ସଞ୍ଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଆମ୍ବପୁଆ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ବେଲଗୁଣ୍ଠା,୧୯ ।୧୨(ସମିସ): ବେଲଗୁଣ୍ଠା ବ୍ଲକ୍ ଆମ୍ବପୁଆ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦଘାଟିତ ହୋଇଯାଇଛି। ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରି ଲୋପାମୁଦ୍ରା ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ାର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଗୋଷ୍ଠୀ ଶିକ୍ଷା ଅଧିକାରି ଶ୍ରୀମତୀ ରଥ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ, ସାମାଜିକ, ଶାରୀରିକ, ମାନସିକ ଏବଂ ଆବେଗିକ ବିକାଶରେ କ୍ରୀଡା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ବେଲଗୁଣ୍ଠା ବ୍ଲକ୍ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ଯୁବ ସମାଜସେବୀ ତଥା ବିଧାୟକ ପ୍ରତିନିଧି ଜିତେନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



# ୮ ବ୍ଲକ୍ ପାଇଁ ୫ ଅଧିକାରୀ; ଅସୁବିଧା ଭୋଗୁଛନ୍ତି ନିର୍ମାଣ ଶ୍ରମିକ

ଭଞ୍ଜନଗର,୧୯ ।୧୨(ସମିସ)

ନିର୍ମାଣ ଶ୍ରମିକ ପଞ୍ଜୀକରଣକୁ ସରଳ କରିବା ପାଇଁ ବ୍ଲକ୍ ସ୍ତରରେ କାର୍ଯ୍ୟାଳୟ ଖୋଲାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସରକାର ପ୍ରତି ବ୍ଲକ୍‌ରେ ଜଣେ ସହକାରୀ ଶ୍ରମ ଅଧିକାରୀ (ଏଏଲ୍‌ଓ)ଙ୍କୁ ନିଯୁକ୍ତି ଦେଇଛନ୍ତି। ମାତ୍ର ସେଠାରେ କାର୍ଯ୍ୟାଳୟ ସମେତ ଅନ୍ୟ ଭିତ୍ତିଭୂମି ନ ଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଭଞ୍ଜନଗର ଉପଖଣ୍ଡରେ ଦେଖିବାକୁ ମିଳିଛି। ଏଠାରେ ଥିବା ୮ ବ୍ଲକ ଓ ୫ ଏନଏସି ପାଇଁ ମାତ୍ର ୫ ଜଣ ସହକାରୀ ଶ୍ରମ ଅଧିକାରୀ (ଏଏଲ୍‌ଓ) ନିଯୁକ୍ତି ହୋଇଛନ୍ତି। ଉପଖଣ୍ଡର ଭଞ୍ଜନଗର ବ୍ଲକରେ ୭,୬୫୮ ଓ ଏନଏସିରେ ୪୧୬, ଆସିକା ବ୍ଲକରେ ୧୭,୪୩୨ ଓ ଏନଏସିରେ ୬୧୬, ବେଲଗୁଣ୍ଠା ବ୍ଲକରେ ୯,୧୮୪ ଓ ଏନଏସିରେ ୧୧୯୦, ବୁଗୁଡ଼ା ବ୍ଲକରେ ୧୪, ୯୨୨ ଓ ଏନଏସିରେ ୧୫୫୮, ସୋରଡ଼ା ବ୍ଲକରେ ୫,୮୭୫ ଓ ଏନଏସିରେ ୪୬୭, ଶେରଗଡ଼ ବ୍ଲକରେ ୧୯, ୭୮୨, ଧରାକୋଟ ବ୍ଲକରେ ୯,୧୩୭ ଓ ଜଗନ୍ନାଥପ୍ରସାଦ ବ୍ଲକର ୭୦୨୯ ଜଣକୁ ନେଇ ଉପଖଣ୍ଡରେ ମୋଟ ୯୫, ୨୭୫ ଜଣ ପଞ୍ଜିକୃତ ନିର୍ମାଣ ଶ୍ରମିକ ଅଛନ୍ତି। ସେମାନଙ୍କ ପାଇଁ ଅବସର ଓ ଅକ୍ଷମତା ପେନସନ୍ ପାଇଁ ନିର୍ମାଣ ଶ୍ରମିକ ପେନସନ୍ ଯୋଜନା, ଗ୍ରାମାଞ୍ଚଳରେ ବାସଗୃହ ପାଇଁ ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନା ଭଳି ବିଭିନ୍ନ ଯୋଜନାର ସୁବିଧା ରହିଛି। ଏହା ବ୍ୟତୀତ ଦୁର୍ଘଟଣା, ଚିକିତ୍ସା ଆବଶ୍ୟକତା, ବିବାହ, ମାତୃତ୍ୱ ଏବଂ କାର୍ଯ୍ୟ ଉପକରଣ ପାଇଁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଉପଖଣ୍ଡର ସମସ୍ତ ୮ ଟି ଯାକ ବ୍ଲକରେ ନିର୍ମାଣ ଶ୍ରମିକ ପଞ୍ଜୀକରଣ ସଂଖ୍ୟା ବଢୁଛି। ଯାହାର ଫାଇଦା କିଛି ଦଲାଲ ନେଉଛନ୍ତି। ଫଳରେ ଆବେଦନକାରୀ ବିଭିନ୍ନ ସମୟରେ ଆର୍ଥିକ ଶୋଷଣରେ ଶିକାର ହେଉଛନ୍ତି। ଭିତ୍ତିଭୂମି ସହ ଅଧିକାରୀଙ୍କ ଅଭାବରୁ ଭଞ୍ଜନଗର ଉପଖଣ୍ଡରେ ସରକାରଙ୍କ ଏହି ଉଦ୍ଦେଶ୍ୟ ଏବେ ବି ଫଳପ୍ରଦ ହୋଇପାରୁନି। ଉପଖଣ୍ଡର ୮ ବ୍ଲକ୍ ଓ ୫ ଏନଏସିରେ ୮ ଜଣ ଏଏଲଓଙ୍କ ସ୍ଥାନରେ ବର୍ତ୍ତମାନ ୫ ଜଣ ଏଏଲଓଙ୍କୁ ନିଯୁକ୍ତି ମିଳିଛି। ପଞ୍ଜୀକରଣ କାମକୁ ସରଳୀକରଣ କରିବା ପାଇଁ କାହାକୁ ଗୋଟିଏ ବ୍ଲକ ଓ ଗୋଟିଏ ଏନଏସି ତ ଆଉ କାହାକୁ, ଏନ୍‌ଏସି ସମେତ ଦୁଇଟି ଲେଖାଏଁ ବ୍ଲକ୍‌ର ଦାୟିତ୍ୱ ଦିଆଯାଇଛି। ଅଧିକାଂଶ ବ୍ଲକରେ ଏଏଲଓଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ କିମ୍ବା କାର୍ଯ୍ୟାଳୟ ନାହିଁ। ଫଳରେ ପୂର୍ବ ଭଳି ନିର୍ମାଣ ଶ୍ରମିକ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ସରକାର ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ବ୍ଲକ ସ୍ତରର ଭିତ୍ତିଭୂମିକୁ ସୁଦୃଢ କରିବାକୁ ସାଧାରଣରେ ଦାବି ହୋଇଛି।

# ଗଜପତି ସ୍ମରଣିକା କମିଟିର ପ୍ରଥମ ପ୍ରସ୍ତୁତି ବୈଠକ



ପାରଳାଖେମୁଣ୍ଡି,୧୯।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସ୍ମରଣିକା କମିଟିର ଅଧକ୍ଷ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲ୍ଲାର ସଂସ୍କୃତି,ସାରସ୍ୱତ ସର୍ଜନା, ପରମ୍ପରା, ଆଧ୍ୟାତ୍ମିକ ଚେତନା, କୁଟୀର ଶିଳ୍ପ, କାରୁକାର୍ଯ୍ୟ, ପାଇକ ବିରତ୍ୱ, ରାଜକୀୟ ଅବଦାନ, ଇତିହାସ ପ୍ରଭୃତି ସମ୍ପର୍କରେ ସ୍ୱରଚିତ ଲେଖା (ଅପ୍ରକାଶିତ) ଲେଖା ଗୁଡିକ ଚଳିତ ମାସ ୨ ତାରିଖ ସୁଦ୍ଧା କମିଟିକୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ହୋଇଛି। ଗଜପତି ଉତ୍ସବ ୨୦୨୫ ପାଳନ ସମୟ ଆଉ ସ୍ୱଳ୍ପ ଦିନ ରହିଥିବା ଦୃଷ୍ଟିରୁ ନିର୍ଦ୍ଦିଷ୍ଟ ସମୟ ଓ ତାରିଖ ପରେ ଲେଖା ଗ୍ରହଣ କରାଯିବ ନାହିଁ ବୋଲି ମଧ୍ୟ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦିପ୍ତ ଗୁରୁମାୟି, ଡ. ବିଧୂତ୍ ଶେଖର ମିଶ୍ର, ଉମେଶ ପ୍ରସାଦ ରଥ, ୱିନୋଦ ଚନ୍ଦ୍ର ଜେନା, ଲୋକନାଥ ପଣ୍ଡା, ଡ.କଲ୍ୟାଣୀ ମିଶ୍ର, ଆଶାଲତା ପାଣିଗ୍ରାହୀ ଓ ବିଚିତ୍ରାନନ୍ଦ ବେବର୍ତ୍ତା ଯୋଗ ଦେଇଥିଲେ।

# କାଉନ୍‌ସିଲର ବାଣ୍ଟିଲେ କମ୍ବଳ



ଜି.ଉଦୟଗିରି,୧୯ ।୧୨(ସମିସ): ଜି.ଉଦୟଗିରିରେ ଦିନକୁ ଦିନ ଶୀତ ବଢ଼ିବାରେ ଲାଗିଛି। ଲୋକେ ନିଆଁ ଓ ଶୀତବସ୍ତ୍ରର ସାହାରା ନେଉଥିବାବେଳେ ବହୁ ଗରିବ ଲୋକ ଶୀତବସ୍ତ୍ର କିଣିବାକୁ ସକ୍ଷମ ନୁହଁନ୍ତି। ଏହାକୁ ନଜରରେ ରଖି ଜି.ଉଦୟଗିରି ଏନ୍‌ଏସି ୯ ନମ୍ବର କାଉନ୍‌ସିଲର ଲକ୍ଷ୍ମୀପ୍ରିୟା ପରିଛା ନିଜ ୱାର୍ଡରେ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରିଛନ୍ତି।

# ଋଷିକୁଲ୍ୟା ରୟତ ମହାସଭାର ବୈଠକ

କୋଦଳା,୧୯ ।୧୨(ସମିସ): କୋଦଳା ବିଜେ ମା'ହନୁମନ୍ତ ନାରାୟଣୀ ମନ୍ଦିର ପରିସରରେ ଋଷିକୂଲ୍ୟା ରୟତ ମହାସଭାର ଧାନମଣ୍ଡି ସମ୍ପର୍କିତ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧ ଜଣିଆ ସଭ୍ୟ ସଂଗ୍ରହ କରାଯାଇ ସେଥିମଧ୍ୟରୁ ୫ ଜଣଙ୍କୁ ନେଇ ମୁଖ୍ୟ କମିଟି ଗଠନ ହୋଇଛି। ଏହି କମିଟି ଗଠନ ସମୟରେ ଅତିଥି ଭାବେ ଋଷିକୂଲ୍ୟା ରୟତ ମହାସଭା ବେଗୁନିଆପଡା ଶାଖା ସଦସ୍ୟ ଯୋହନ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ! ସୁବ୍ୟବସ୍ଥାକରଣ କରି ମଣ୍ଡି ଖୋଲାଯିବା ଏବଂ ସମସ୍ତ ଧାନ ମଣ୍ଡିରେ କ୍ରୟ କରିବା, ମଣ୍ଡିରେ ଯେପରି ଧାନ ନଷ୍ଟ ନହୁଏ ସେଥିପାଇଁ ବ୍ୟବସ୍ଥା କରିବା, କଟନି ଛଟଣି ବନ୍ଦ କରାଯିବା, ବୀମା ରାଶି ପାଇବା,ସରକାରୀ ନିୟମ ଅନୁଯାୟୀ ଦୈନିକ ମଣ୍ଡିରେ ୧୦୦୦ କୁଇଣ୍ଟାଲ ଧାନ ସଂଗ୍ରହ କରିବା ଭଳି ସମସ୍ୟା କୁ ସମାଧାନ କରିବା ଉଦ୍ଦେଶ୍ୟକୁ ନେଇ ଏହି କମିଟି ଗଠନ ହୋଇଛି। ସଭାପତି ଭାବେ ଅଜିତ ମୁନୀ, ଉପସଭାପତି ଗଙ୍ଗାଧର ସ୍ୱାଇଁ ଓ ଅଭିମନ୍ୟୁ ସେଠୀ, କୋଷାଧକ୍ଷ୍ୟ ମିଥୁନ ମୁନୀ, ସମ୍ପାଦକ ବୁଲା ମୁଦୁଲିଙ୍କୁ ମନୋନୀତ କରାଯାଇଛି।

# ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା




ଟିକାବାଲି,୧୯।୧୨(ସମିସ): ଟିକାବାଲିସ୍ଥିତ ଏଏମସିଏସ ମହାବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିଲା। ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଶୁଭ୍ର ରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆମ ସ୍ୱାସ୍ଥ୍ୟ ଆମ ହାତରେ ବୋଲି ମତବ୍ୟକ୍ତ କରି ସେ ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା, ନଖ କାଟିବା ଠାରୁ ଆରମ୍ଭ କରି ବିଭିନ୍ନ ସାଧାରଣ ରୋଗରୁ କିପରି ରକ୍ଷା ପାଇବା, ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ଡାକ୍ତର ଜ୍ୟୋତିର୍ମୟୀ ମହାନ୍ତି ଯୋଗଦେଇ ବିଶେଷ କରି ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଗୁରୁତ୍ୱ ଦେଇଥିଲେ। ଶିବିରରେ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଦିବାକର ସାହୁ ଏବଂ ଏଏନଏମ ଭବାନୀ ପ୍ରସାଦ ପ୍ରଧାନ ସହଯୋଗ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଚମ୍ପା ସୋରେନ,ଅଧ୍ୟାପକ ଅଭୟ ପ୍ରଧାନ ଉପସ୍ଥିତ ଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଜ୍ଞାନ ରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

